# Akashvani, Sambalpur

## SAMBALPURI NEWS EVENING BULLETIN

## 25 October 2025- 7.02 pm- 7.12 pm.

*******************************************

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍ ବୈଠକ୍ ।

୩- ବଙ୍ଗୋପ୍‌ସାଗର୍ ନ ହେଇଥିବା ବାତ୍ୟାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର ପୁରା ତୟାର୍- କହେଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

ଆଉର୍

୪- ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌କେ ନେଇକରି ଆଇନ୍‌ଶୃଙ୍ଖଳା ବ୍ୟବସ୍ଥାର୍ ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ ହେବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାଜ୍ୟ କେବିନେଟ୍‌ର ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ଆଇନ୍, ପୂର୍ତ୍ତ, ଜଲ୍‌ସମ୍ପଦ୍,

ଗୃହ, ବିଦ୍ୟାଳୟ ଆଉ ଗଣଶିକ୍ଷା ବାଗିର୍ ଭିନ୍ ଭିନ୍ ବିଭାଗ୍ର ବହୁତ୍ଟେ ଜରୁରୀ ପ୍ରସ୍ତାବ୍ ଉପ୍ରେ ଆଲୋଚନା ହେଇଥିବା ଜନାପଡ଼ିଛେ ।

ବାତ୍ୟା-ସୁରେଶ୍ ପୂଜାରୀ ଭୁବନେଶ୍ୱର୍ ସମ୍ବାଦଦାତା

ବଙ୍ଗୋପ୍ସାଗର୍ ନ ବାତ୍ୟା ଥିତିକେ ନଜର୍ଥି ରଖିକରି ଭୁବ୍ନେଶ୍ୱର୍ ରାଜୀବ୍ ଭବନ୍ ଠାନେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବାତ୍ୟା ବେଲ୍କେ ଲୁକ୍କର୍ ଧନ୍ ଜୀବନ୍ ରକ୍ଷା କର୍ବାର୍ ସର୍କାର୍ଙ୍କର୍ ପ୍ରାଥମିକ ଲକ୍ଷ୍ୟ ଆଏ ବଲି ବୈଠକ୍ଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ବାତ୍ୟାଥି ଖାସ୍ କରି ରାଜ୍ୟର୍ ଦକ୍ଷିଣ୍ ଭାଗ୍ ଆଉ ସମୁଦ୍ରଖଁଡ଼ି ଇଲାକାର୍ ୧୫ ଟା ଜିଲ୍ଲା ଜହ ପ୍ରଭାବିତ୍ ହେବାର୍ ସମ୍ଭାବନା ରହିଛେ । ଇହାଦେତକ୍ ବାତ୍ୟା ଆନ୍ଧ୍ରପ୍ରଦେଶ୍ ଆଡ଼୍କେ ମୁହେଁଇଛେ । ଯଦି ବାଟ୍ ବଦ୍ଲେଇକରି ଓଡ଼ିଶା ଆଡ଼୍କେ ଆସ୍ବା ତାର୍ ଲାଗି ଭିଲ୍ ରାଜ୍ୟ ସର୍କାର୍ ତୟାର୍ ରହିଛନ୍ । ଜଲ୍ସମ୍ପଦ୍, ପଂଚାୟତିରାଜ୍, କୃଷି ଆଉ ଶକ୍ତି ବିଭାଗ୍କେ ସତର୍କ ରହେବାର୍ ଲାଗି ପରାମର୍ଶ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଥିତିକେ ନଜରଥି ରଖିକରି ତଲି ଇଲାକାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ସ୍ଥାନାନ୍ତର୍, ବାତ୍ୟା ଆଶ୍ରୟସ୍ଥଳୀ, ରିଲିଫ୍ ସେଂଟର୍, ପଲିଥିନ୍ ତିୟାର୍ ରଖାଯିବାର୍ ସହେତେ ସ୍ୱାସ୍ଥ୍ୟ ବିଭାଗ୍‌କେ ପ୍ରସ୍ତୁତ୍ ରହେବାର୍‌କେ ପରାମର୍ଶ ଦିଆଯାଇଛେ ।

ଆଘର୍ ଅଭିଜ୍ଞତାକେ ଆଧାର୍ କରିକରି ସର୍‌କାର୍ ଦର୍‌କାରୀ ପଦକ୍ଷେପ୍ ନେଉଛନ୍ ବଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ କହିଛନ୍, ବୈଠକ୍‌ଥି ରାଜସ୍ୱ ବିଭାଗ୍‌ର ଅଧିକାରୀମାନ୍‌କର୍ ସହେତେ ପ୍ରଭାବିତ୍ ହେବାର୍‌କେ ଥିବାର୍ ଜିଲ୍ଲାମାନ୍‌କର୍ ଜିଲ୍ଲାପାଲ୍ ମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ସେଆଡ଼େ ବାତ୍ୟାକେ ନେଇକରି ଭିନ୍ ଭିନ୍ ନଦୀର୍ ଆଉ ଜଲ୍‌ଭଣ୍ଡାର୍ ମାନ୍‌କର୍ ଜଲ୍‌ସ୍ତର୍ ଉପ୍‌ରେ ନଜର୍ ରଖିବାର୍‌କେ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସେନ୍ତା ପ୍ରଭାବିତ୍ ହେବାର୍‌କେ ଥିବାର୍ ଜିଲ୍ଲାମାନ୍‌କେ ଅଧିକାରୀମାନ୍‌କର୍ ଛୁଟି ବାତିଲ୍ କରାଯିବାର୍ ସହେତେ ଆଏବା କାଏଲ୍ ସ୍କୁଲ୍, କଲେଜ୍ ବନ୍ଦ୍ ବାବ୍‌ଦେ ଭିଲ୍ ନିଷ୍ପତି ନିଆଯିବା ବଲି ଜନାପଡ଼ିଛେ ।

ଦନ୍ତ ଚିକିତ୍ସା ମହାବିଦ୍ୟାଳୟ-ସ୍ୱାସ୍ଥ୍ୟମନ୍ତ୍ରୀ ବଲାଙ୍ଗିର୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ରାଏଜେ ୪ ଟା ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଖୁଲ୍‌ବାର୍‌କେ ଯୋଜ୍‌ନା କରାଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ପରିସର୍ ନ ଆଏଜ୍ ଭାରତୀୟ ଦନ୍ତ ଚିକିତ୍ସକ ସଂଘ ଓଡ଼ିଶା ଶାଖା ତର୍‌ଫୁ ହେଇଥିବା ୪୧ ନମ୍ବର୍ ବାର୍ଷିକ ମହୋତ୍ସବକେ ଉଦ୍‌ଘାଟନ୍ କରିକରି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଭୀମଭୋଇ ମେଡ଼ିକାଲ୍ କଲେଜ୍ ପରିସର୍ ନ ଅସ୍ଥିଶଲ୍ୟ, ଅସ୍ତ୍ରୋପଚାର୍, ଶିଶୁରୋଗ ସ୍ନାତକ ପାଠ୍ୟକ୍ରମ୍ ଖୁଲାଯିବା । ଆଏବା ଡିସେମ୍ବର୍‌ନୁ ଜାନୁଆରୀ ମାସ୍ ଭିତ୍‌ରେ ଇତାର୍ ନିହି ପଡ଼୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ଆଝିରର୍ ଇ ସମାବେଶ୍‌ଥି ୩ ଶହ ୧୦ ଦନ୍ତ ଚିକିତ୍ସକ ଯୋଗ୍ ଦେଇଥିବାର୍ ବେଲେ ୭୧ ଟା ବାଣିଜ୍ୟ ଷ୍ଟଲ୍ ପ୍ରଦର୍ଶନ୍ କରାଯାଇଥିଲା ।

ଉପମୁଖ୍ୟମନ୍ତ୍ରୀ- ନୂଆପଡ଼ା ଗସ୍ତ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟ ନ ସୁଭଦ୍ରା ଶକ୍ତି ସମାବେଶ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମାବେଶ୍‌ଥି ଯୋଗ୍ ଦେଇକରି ଦଲୀୟ ନେତ୍ରୀମାନ୍‌କର୍ ସାଙ୍ଗେ ନୂଆପଡ଼ା ଉପ ନିର୍ବାଚନ୍ ବାବ୍‌ଦେ ଆଲୋଚନା କରିଛନ୍ । ନୂଆପଡ଼ାର୍ ଘରେ ଘରେ ସୁଭଦ୍ରା ପହଁଚିବାର୍

ସହେତେ ଜିଲ୍ଲାର୍ ବିକାଶ୍‌ର ନକ୍ସା ବଦ୍‌ଲିବା ବଲି ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍ ।

ନୂଆପଡ଼ା- ପୁଲିସ୍ ମହାନିର୍ଦ୍ଦେଶକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌କେ ନେଇକରି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଆଏଜ୍ ନୂଆପଡ଼ା ଗସ୍ତ କରିକରି ଆଇନ୍ ଶୃଙ୍ଖଳା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ନିର୍ବାଚନକେ ମୁକ୍ତ ଆଉ ଅବାଧ କର୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ରକ୍‌ମର୍ ବ୍ୟବସ୍ଥା କରାଯାଇଛେ । ଦର୍‌କାର୍ ଅନ୍‌ସାରେ ସୁରକ୍ଷା ବାହିନୀ ଭିଲ୍ ମୁତୟନ୍ ଅଛନ୍ । ଛତିଶ୍‌ଗଡ଼୍ ଆଉ ଓଡ଼ିଶା ସୀମାକେ ସିଲ୍ କରାଯାଇଛେ ବଲି ଶ୍ରୀ ଖୁରାନିଆ ସମୀକ୍ଷା ବୈଠକ୍ ଉତ୍‌ରୁ କହିଛନ୍ ।...

(ଭଏସ ଓଭର୍- ଯୋଗେଶ୍ ବାହାଦୂର୍ ଖୁରାନିଆ)

ଇ ଅବ୍‌ସରେ ଶ୍ରୀ ଖୁରାନିଆ ଜିଲ୍ଲାର୍ ମାଓବାଦୀ ଇଲାକାକେ ଭିଲ୍ ବୁଲି ଦେଖିଛନ୍ । ସମୀକ୍ଷା ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ୍ ଅମୃତ୍ ପାଲ୍ ସିଂଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଟ୍ରେନ୍ ଯାତ୍ରା- ଅଶ୍ୱିନୀ ବୈଷ୍ଣବ୍ ଏନ୍‌ଏସ୍‌ଡି

ଇ ବଛର୍ ପାର୍ବଣ ସମିଆଥି ଏବ୍ତକ୍ ଦେଶେ ଦେଢ୍‌କୋଟି ଯାତ୍ରୀ ଟ୍ରେନ୍‌ଥି ଯାତ୍ରା କରିଛନ୍ । ଇ ସଂଖ୍ୟା ଅଢ଼େଇ କୋଟି ପାର୍ କର୍‌ବାର୍ ଆଶା କରାଯାଉଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଶ୍ରୀ ବୈଷ୍ଣବ୍ କହିଛନ୍, ପାର୍ବଣ ସମିଆଥି ଯାତ୍ରୀମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ଆହୁରି ବହୁତ୍‌ଟେ ବ୍ୟବସ୍ଥା କରାଯାଇଛେ । ଭିଡ୍ ପରିଚାଲନା ବ୍ୟବସ୍ଥାକେ ସରଲ୍ କର୍‌ବାର୍ ଲାଗି ଦେଶର ୩୦ ଟା ରେଲ୍‌ଷ୍ଟେସନ୍ ନ ଯାତ୍ରୀ ରହେବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ଇ ବଛର୍ ଦିଆଲି ଆଉ ଛଟ୍‌ପୂଜା ଅବ୍‌ସରେ ୧୩ ହଜାର୍ ଅଏତ୍‌କା ଟ୍ରେନ୍ ଚଲାଚଲ୍ ବ୍ୟବସ୍ଥା ହେଇଛେ । ବ୍ୟବସ୍ଥା ସୁଗମ୍ ହେବାର୍‌ନୁ ୨୦୧୪ ମସିହାଥି ରେଲ୍ ଦୁର୍ଘଟଣା ସଂଖ୍ୟା ଶହେ ୭୦ ଥିବାର୍ ବେଲେ୍ ଇ ସଂଖ୍ୟା ଏଛେନ୍ ୩୧କେ କମିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

## ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ଏନ୍‌ଏସ୍‌ଡି

ବଛର୍ ବଛର୍ ଧରିକରି ବେଙ୍କ୍ ମାନ୍‌କେ ଜମା ହେଇକରି ରହି ଯାଇଥିବା ଲୁକ୍‌କର୍ ଜମାପୁଞ୍ଜିକେ ଫିରାବାର୍ ଲାଗି କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ୍ ତରଫୁ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ନାଁଥି ଗୁଟେ ୩ ମାସିଆ ଖାସ୍

ଅଭିଯାନ୍ ମୁଲ୍ ହେଇଛେ । ବେଙ୍କ୍ ମାନ୍‌କେ ବଛର୍ ବଛର୍ ହେଇକରି ଜମା ହେଇଥିଲେ ଭିଲ୍ ଟଙ୍କା ତାର୍ ମାଲିକ୍‌କେ ହିଁ ଫିରାଯିବା । ଇ ଟଙ୍କା ଲୁକେ କେନ୍ତାକରି ଫିରିପାଏବେ ସେ ବାବ୍‌ଦେ ବିଭାଗ୍ ତର୍‌ଫୁ ସଚେତନ୍ କରାଯିବାର୍ ସହେତେ ତାଲିମ୍ ଦିଆଯିବା । ଇଥି ବେଙ୍କ୍ ମାନେ ଲୁକ୍‌କର୍ ମାର୍ଗଦର୍ଶନ୍ କର୍‌ବେ ।

## ଆଇଆଇଏମ୍-ବ୍ୟବସାୟ ସମ୍ମିଲନୀ      ସମ୍ବଲପୁର

ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ୨ ଦିନିଆ ବ୍ୟବସାୟ ସମ୍ମିଲନୀ 'ମାର୍ମାଘ୍ୟ' ହେଇଯାଇଛେ । ସମ୍ମିଲନୀଥି ଗୁଗୁଲ୍ ସହେତେ ଭିନ୍ ଭିନ୍ କମ୍ପାନୀର୍ ଅଧିକାରୀ ମାନେ ଯୋଗ୍ ଦେଇଥିଲେ । ସମ୍ମିଲନୀର୍ ମୁଖିଆ ଉଦ୍ଦେଶ୍ ହେଲା ୨୦୪୭ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ସହେତେ ପ୍ରଯୁକ୍ତିବିଦ୍ୟାଥି ଭାରତ୍ କାଣା କର୍‌ବାର୍ କଥା, ବ୍ୟବସାୟ କ୍ଷେତ୍ରଥି ନୂଆଁ ଚିନ୍ତାଧାରାର୍ ବିକାଶ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଇ ଉଚ୍ଚଶିକ୍ଷାନୁଷ୍ଠାନ୍‌ର ବଡ଼ ସହଯୋଗ୍ ରହେବା ବଲି ଆଇଆଇଏମ୍ ସମ୍ବଲ୍‌ପୁର୍ ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟସ୍ୱାଲ୍ କହିଛନ୍ ।

ଗୁଣବତା ନିର୍ଦ୍ଧାରଣ୍ କମିଟି ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଗୁଣବତା ନିର୍ଦ୍ଧାରଣ୍ କମିଟି ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାର୍ ସବୁ ଡାକ୍ତର୍ଖାନାର୍ ଭିତିଭୂମି, ସ୍ୱାସ୍ଥ୍ୟସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ବାବ୍ଦେ ସମୀକ୍ଷା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ସଂଘମିତ୍ରା ପଣ୍ଡା ଆଉ ଅଲ୍ଗା ଡାକ୍ତର୍ମାନେ ଉପସ୍ଥିତ୍ ଥିଲେ ।

ଭୀମଭୋଇ ସାମର୍ଥ୍ୟ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଚାର୍ଛକ୍ କାର୍ଯ୍ୟାଳୟ ଠାନେ ଭୀମଭୋଇ ସାମର୍ଥ୍ୟ ଶିବିର ଆଏଜ୍ ହେଇଯାଇଛେ । ଶିବିର୍ଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ଡାକ୍ତର୍ମାନେ ୭୩ ଝନ୍ ଭିନ୍ନକ୍ଷମ ମାନ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଯାଂଚ୍ ଉତ୍ରୁ ଭିନ୍ନକ୍ଷମ ମାନ୍କୁ ସର୍କାରୀ ସାହାଜ୍ ଯୁଗେଇ ଦେବାର୍ ଲାଗି ଚିହ୍ନଟ୍ କରାଯାଇଥିଲା । ଶିବିର୍ଥି ଉପ ଜିଲ୍ଲାପାଲ୍ ବିନୟ ଭୋଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ପୌରପରିଷଦ୍ ସମ୍ମାନିତ୍     ସୁବର୍ଣ୍ଣପୁର୍ ସମ୍ବାଦଦାତା

ସହରାଂଚଲ୍ ଉଦ୍ୟାନ ସୁବିଧା ଆଉ ପିଇବାର୍ ପାଏନ୍ ଯୁଗେଇ ଦେବାର୍ କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ ଲାଗି ସୁବର୍ଣ୍ଣପୁର୍ ପୌରପରିଷଦ୍‌କେ ରାଜ୍ୟସ୍ତର୍ ନ ସମ୍ମାନିତ୍ କରାଯାଇଛେ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଓଡ଼ିଶା ସହରାଂଚଲ୍ ସମ୍ମିଲନୀ -୨୦୨୫ର ଉଦ୍‌ଯାପନୀ ସମାରୋହଥି ସୁବର୍ଣ୍ଣପୁର୍ ପୌର ପରିଷଦ୍‌କେ ପୁରସ୍କୃତ୍ କରାଯାଇଥିଲା ।

କଲାକାର୍ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାକାର୍ ମାନ୍‌କର୍ ସୃଜନଶୀଳତା ଆଉ କଳାର ଗୁରୁତ୍ୱକେ ସମ୍ମାନ୍ ଜନେଇକରି ଆଏଜ୍ ଅନ୍ତର୍ଜାତୀୟ କଲାକାର୍ ଦିବସ୍ ପାଲନ୍ କରାଯାଉଛେ । ୨୦୦୪ ମସିହା ଉତ୍‌ରୁ ସମାଜ୍ ନ କଲାକାର୍‌ମାନ୍‌କର୍ ଅବ୍‌ଦାନ୍ ଉପ୍‌ରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଇ ବଛ୍‌ରର୍ ବିଷୟବସ୍ତୁ ରହିଛେ, ‘ପ୍ରକାଶନର ଏକ ଉଦ୍ୟାନ, କଳାମାଧ୍ୟମରେ ସମ୍ପ୍ରଦାୟକୁ ସଜାଡ଼ିବା ।’ ଆଝିର୍ ଦିନେ ଭିନ୍ ଭିନ୍ ଜାଗା ନ ପ୍ରଦର୍ଶନୀ, କର୍ମଶାଳା, ବିତର୍କ ଆଉ କଲାକାର୍‌ଙ୍କୁ ସମର୍ଥନ୍ କର୍‌ବାର୍ ବାଗିର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ନ ହେଇଥିବା ଲଘୁଚାପ୍ ଆଏଜ୍ ଅବପାତ୍‌ଥି ବଦ୍‌ଲିଛେ । ଆଏବା କାଏଲ୍‌ତକ୍ ଗଭୀର ଅବପାତ ଆଉ ସୋମ୍‌ବାର୍‌ତକ୍ ବାତ୍ୟା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ବାତ୍ୟା 'ମୋନ୍ଥା' ଆନ୍ଧ୍ରପ୍ରଦେଶ୍‌ର ମଛ୍‌ଲିପଟନମ୍- କଲିଙ୍ଗପଟନମ୍ ଭିତ୍‌ରେ କାକିନାଡ଼ା ଠାନେ ଆଏବା ୨୮ ତାରିଖ୍ ରାଏତ୍‌ତକ୍ ଭୂଇଁ ଛୁଇଁବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବାତ୍ୟା ଭୂଇଁକେ ଛୁଇଁଲା ବେଲେ ଘଂଟାକ ୯୦ ନୁ ଶହେ କିଲୋମିଟର୍ ବେଗଥି ପବନ୍ ବୁହିବା । ଇତାର୍ ପ୍ରଭାବ୍‌ଥି ଆଏବା ୨୯ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଦକ୍ଷିଣ୍ ଆଉ ସମୁଦ୍ରଖଁଡ଼ି ଇଲାକା ନ ଅତିଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।